# NATIONAL NEWS BULLETIN (ODIA)
## 17 June - 2026
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ବିକାଶଶୀଳ ଦେଶଗୁଡ଼ିକୁ ଅର୍ଥନୈତିକ ସ୍ଥିରତା ପ୍ରଦାନ କରୁଥିବା ବ୍ୟବସ୍ଥା ବିକଶିତ କରିବା ପାଇଁ ଅନ୍ତର୍ଜାତୀୟ ଆର୍ଥିକ ଅନୁଷ୍ଠାନଗୁଡ଼ିକର ଆବଶ୍ୟକତା ନେଇ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ

– ଫ୍ରାନ୍ସର ଏଭିଆନ୍‌ରେ ଜି-୭ ସମ୍ମିଳନୀ ଅବସରରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରୀ ଅଧିବେଶନକୁ କଲେ ସମ୍ବୋଧନ

- ସାଇବର ଅପରାଧୀମାନଙ୍କର ମୁକାବିଲା କଠୋରତାର ସହ କରାଯିବା ଉଚିତ; କହିଲେ ସୁପ୍ରିମକୋର୍ଟ

- ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ଅଧୀନରେ ଆସନ୍ତା ଶୁକ୍ରବାର ୨ ହଜାର ୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ

- ଗୁଜୁରାଟ ଏବଂ ଉତ୍ତରପ୍ରଦେଶରେ ପୃଥକ ପୃଥକ ଦୁର୍ଘଟଣାରେ ୧୨ ଜଣଙ୍କର ମୃତ୍ୟୁ

ଏବଂ

- ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାରେ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କଲା ନେଦରଲାଣ୍ଡ୍ସ

# ପିଏମ୍ ଜି-୭ ଡେ' ଟୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଫ୍ରାନ୍ସର ଏଭିଆନ୍‌ଠାରେ ଚାଲିଥିବା ଜି-୭ ସମ୍ମିଳନୀରେ 'ସମସ୍ତଙ୍କ କଲ୍ୟାଣ ପାଇଁ ସନ୍ତୁଳିତ, ସମାବେଶୀ ଏବଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ନିଜ ସମ୍ବୋଧନରେ ପ୍ରଧାନମନ୍ତ୍ରୀ ବିକାଶଶୀଳ ଦେଶଗୁଡ଼ିକୁ ଅର୍ଥନୈତିକ ସ୍ଥିରତା ପ୍ରଦାନ କରୁଥିବା ବ୍ୟବସ୍ଥା ବିକଶିତ କରିବା ପାଇଁ ଅନ୍ତର୍ଜାତୀୟ ଆର୍ଥିକ ଅନୁଷ୍ଠାନଗୁଡ଼ିକର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ଆଫ୍ରିକା, ଲାଟିନ ଆମେରିକା ଏବଂ ପ୍ରଶାନ୍ତ ମହାସାଗରୀୟ ଦ୍ୱିପପୁଞ୍ଜ ଦେଶଗୁଡ଼ିକୁ ଯୋଡୁଥିବା ସଂଯୋଗୀକରଣ ପ୍ରକଳ୍ପଗୁଡ଼ିକର ପ୍ରସ୍ତାବ ଦେଇଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ 'ସଂଯୋଗୀକରଣ ଏବଂ ବାଣିଜ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନ୍ତର୍ଜାତୀୟ ସଂଗଠନ ସହଭାଗିତା'– ଇମ୍ପ୍ୟାକ୍ଟ ଗଠନର ପରାମର୍ଶ ଦେଇଛନ୍ତି।  ଯେଉଁଥିରେ ଜି-୭ର ପୁଞ୍ଜି, ଭାରତର ପ୍ରତିଭା ଏବଂ ଗ୍ଲୋବାଲ ସାଉଥ୍‌ର ମାଲିକାନାକୁ ଏକତ୍ର କରାଯାଇପାରିବ।

ପ୍ରକୃତ ଅଭିବୃଦ୍ଧି ହିଁ ସମାବେଶୀ ଏବଂ ଜନକଲ୍ୟାଣକାରୀ ବୋଲି କହିବା ସହ ପ୍ରଧାନମନ୍ତ୍ରୀ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ପ୍ରୟାସ' ଆଧାରିତ ଭାରତର ବିକାଶ କାହାଣୀ ସମ୍ପର୍କରେ ଉଲ୍ଲେଖ କରିଥିଲେ।

ଏହି ଉଚ୍ଚସ୍ତରୀୟ ଅଧିବେଶନରେ ଜି-୭ ସଦସ୍ୟ ଦେଶ, ଅଂଶୀଦାର ଦେଶ ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି– ଆଇ.ଏମ୍.ଏଫ୍. ଓ ଓ.ଇ.ସି.ଡି'ର ପ୍ରମୁଖ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଶ୍ରୀ ମୋଦୀ କୃତ୍ରିମ ବୁଦ୍ଧିମତା– ଏ.ଆଇ.'ର ସୁରକ୍ଷିତ, ଦ୍ରୁତ ଏବଂ ପ୍ରଭାବଶାଳୀ ବ୍ୟବହାର ନିଶ୍ଚିତ କରିବା ଉପରେ ଆଧାରିତ ଏକ କାର୍ଯ୍ୟକାରୀ ମଧ୍ୟାହ୍ନ ଭୋଜନରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଡିଜିଟାଲ ନବସୃଜନର ଭବିଷ୍ୟତ ବିଷୟରେ ଆଲୋଚନା କରିବା ପାଇଁ ଏହି ବୈଠକରେ ଜି-୭ ସଦସ୍ୟ ଦେଶ, ସହଯୋଗୀ ଦେଶ ଏବଂ ଅଗ୍ରଣୀ ଏ.ଆଇ. କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଏକତ୍ରୀତ ହୋଇଥିଲେ।

ଏଭିଆନ୍‌ରେ ଜି-୭ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜର୍ମାନୀ ଚାନ୍ସେଲର ଫ୍ରେଡରିଚ୍ ମର୍ଜ ଆଜି ପଶ୍ଚିମ ଏସିଆର ସ୍ଥିତି ଏବଂ ରୁଷ୍–ୟୁକ୍ରେନ୍ ସଂଘର୍ଷ ସମେତ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଓ ବୈଶ୍ୱିକ ସ୍ଥିତି ଉପରେ ମତବିନିମୟ କରିଛନ୍ତି।

ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀ ଅବସରରେ ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ ଡେର୍ ଲେନ୍ ଏବଂ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟାଙ୍କ ସହ ମଧ୍ୟ ଏକ ଦ୍ୱିପାକ୍ଷିକ ବୈଠକ କରିଛନ୍ତି।

ଆଉ କିଛି ସମୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବହୁ ପ୍ରତୀକ୍ଷିତ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ୨୦୨୫ ଫେବୃଆରୀରେ ୱାଶିଂଟନ ଡିସିଠାରେ ଉଭୟ ନେତାଙ୍କ ମଧ୍ୟରେ ପ୍ରଥମ ବୈଠକ ହୋଇଥିଲା। ଆଜିର ଆଲୋଚନାରେ ଉଭୟ ନେତା ଏକାଧିକ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ନେଇ ବ୍ୟାପକ ଆଲୋଚନା କରିବା ସହ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଜଟିଳ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗଗୁଡ଼ିକ ଉପରେ ବିଚାରବିମର୍ଶ କରିବାର ଆଶା କରାଯାଉଛି।

# ଏସ୍‌ସି- ସାଇବର କ୍ରିମିନାଲ୍‌ସ

ସୁପ୍ରିମକୋର୍ଟ ସାଇବର ଅପରାଧିମାନଙ୍କୁ ପାରାସାଇଟ୍‌ସ ବା ପରଜୀବୀ ବୋଲି ଅଭିହିତ କରିଛନ୍ତି। ଯେଉଁମାନେ ନିରୀହ ନିବେଶକମାନଙ୍କୁ ପ୍ରତାରିତ କରୁଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ସାଇବର ଅପରାଧୀମାନଙ୍କର କଠୋରତାର ସହ ମୁକାବିଲା କରାଯିବା ଉଚିତ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ

ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭିନ୍ନ ରାଜ୍ୟରେ ରୁଜୁ ହୋଇଥିବା ଏଫ୍.ଆଇ.ଆର.ଗୁଡ଼ିକୁ ଏକତ୍ର କରିବା ସଂକ୍ରାନ୍ତ ଅନୁରୋଧକୁ ନେଇ ହୋଇଥିବା ଏକ ଆବେଦନର ଶୁଣାଣି ସମୟରେ ଏହି ମନ୍ତବ୍ୟ ଦେଇଛନ୍ତି। ସାଇବର ଅପରାଧର ଶିକାର ହୋଇଥିବା ବ୍ୟକ୍ତିମାନେ ସମଗ୍ର ଦେଶରେ ରହିଛନ୍ତି ଏବଂ ଏଭଳି ଅପରାଧୀମାନଙ୍କୁ ଜେଲ୍ ଭିତରେ ରଖିବା ସମାଜର ସ୍ୱାର୍ଥ ପାଇଁ ଜରୁରୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଖଣ୍ଡପୀଠ ଏହି ଆବେଦନକୁ ଗ୍ରହଣ କରିବାକୁ ମନା କରିବା ସହ ଆବେଦନକାରୀଙ୍କୁ ତାଙ୍କ ରାଜ୍ୟର ଉଚ୍ଚ ନ୍ୟାୟାଳୟରେ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି।

## ପିଏମ୍– ରୋଜଗାର ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା–ପିଏମ୍–ଭିବିଆର୍‌ୱାଇ ଅଧୀନରେ ପ୍ରାୟ ୨ ହଜାର ୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏହି ଅର୍ଥ ପ୍ରଦାନ କେନ୍ଦ୍ର ସରକାରଙ୍କ ପ୍ରମୁଖ ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ରୋଜଗାର ସୃଷ୍ଟିକୁ ତ୍ୱରାନ୍ୱିତ କରିବା, ନିଯୁକ୍ତିର ଆନୁଷ୍ଠାନିକରଣକୁ ପ୍ରୋତ୍ସାହିତ କରିବା ଏବଂ ସାମାଜିକ ସୁରକ୍ଷା ପରିସରକୁ

ବିସ୍ତାର କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି। ଦେଶବ୍ୟାପୀ ଅଦ୍ୟାବଧି ଏହି ଯୋଜନା ଅନ୍ତର୍ଗତ ୧୫ ଲକ୍ଷ ହିତାଧିକାରୀଙ୍କୁ ନିଯୁକ୍ତି ପାଇବାରେ ସହାୟତା ମିଳିପାରିଛି। ଯୋଜନା ଅନ୍ତର୍ଗତ କର୍ମକ୍ଷେତ୍ରରେ ପ୍ରବେଶ କରୁଥିବା ନୂତନ କର୍ମଚାରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ମିଳିବାକୁ ଯୋଗ୍ୟ ବିବେଚିତ କରାଯାଇଛି। ଅତିରିକ୍ତ ନିଯୁକ୍ତି ସୃଷ୍ଟି କରୁଥିବା ନିଯୁକ୍ତିଦାତାମାନେ ପ୍ରତି ଅତିରିକ୍ତ କର୍ମଚାରୀଙ୍କ ପିଛା ମାସିକ ୩ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ପାଇପାରିବେ। ଯାହା ନିରନ୍ତର ରୋଜଗାର ସୃଷ୍ଟିକୁ ପ୍ରୋତ୍ସାହିତ କରିବ। ବିନିର୍ମାଣ କ୍ଷେତ୍ରକୁ ମଧ୍ୟ ଅଧିକ ସହାୟତା ପ୍ରଦାନ କରିବା କ୍ଷେତ୍ରରେ ଏହି ଯୋଜନାର ଭୂମିକା ରହିଛି। ବିନିର୍ମାଣ କ୍ଷେତ୍ରର ନିଯୁକ୍ତିଦାତାମାନେ ୪ ବର୍ଷ ପାଇଁ ଏହି ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ ଥିବା ବେଳେ ଅନ୍ୟାନ୍ୟ କ୍ଷେତ୍ରର ନିଯୁକ୍ତିଦାତାମାନେ ୨ ବର୍ଷ ପାଇଁ ଏହି ସୁବିଧା ପାଇପାରିବେ। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଉଲ୍ଲେଖ କରିଛି, ଏହି ଯୋଜନା ନିଯୁକ୍ତିଭିତ୍ତିକ ଅଭିବୃଦ୍ଧି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଏବଂ ଭାରତର ଅର୍ଥନୈତିକ ପ୍ରଗତିର ଲାଭ ଯେପରି ଦେଶର ଯୁବ ପିଢ଼ିଙ୍କ ପାଇଁ ଗୁଣାତ୍ମକ ତଥା ଆନୁଷ୍ଠାନିକ ନିଯୁକ୍ତି ସୁଯୋଗରେ ରୂପାନ୍ତରିତ ହୋଇପାରିବା ନେଇ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଗତ ବର୍ଷ ଅଗଷ୍ଟ ୧ ତାରିଖରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ସମୁଦାୟ ୯୯ ହଜାର ୪୪୬ କୋଟି ଟଙ୍କାର ବ୍ୟୟବରାଦ ରହିଛି। ଦୁଇ ବର୍ଷ ମଧ୍ୟରେ ୩ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ରୋଜଗାର ସୃଷ୍ଟିକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରହିଛି।

ଯେଉଁଥିରେ କର୍ମକ୍ଷେତ୍ରରେ ନୂତନ ନିଯୁକ୍ତି ପାଇଥିବା ପ୍ରାୟ ୧ କୋଟି ୯୨ ଲକ୍ଷ ନୂତନ କର୍ମଚାରୀ ସାମିଲ ଅଛନ୍ତି।

# ପ୍ରେଜ୍ ଏମ୍‌ପି-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ମଧ୍ୟପ୍ରଦେଶକୁ ପାଞ୍ଚ ଦିନିଆ ଗସ୍ତରେ ଯିବେ। ଇନ୍ଦୋରରେ ପହଁଞ୍ଚିବା ପରେ ରାଷ୍ଟ୍ରପତି ବ୍ରହ୍ମକୁମାରୀ ସଂଗଠନ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବେତୁଲ ଯାତ୍ରା କରିବେ। ପରବର୍ତ୍ତୀ ସମୟରେ ସେ ଓମ୍‌କାରେଶ୍ୱର ମନ୍ଦିର ଦର୍ଶନ କରିବା ସହ ସନ୍ଧ୍ୟା ଆଳତିରେ ଭାଗ ନେବେ। ଜୁନ୍ ୧୯ ତାରିଖରେ ରାଷ୍ଟ୍ରପତି ପଶ୍ଚିମବଙ୍ଗର କଲାଇକୁଣ୍ଡା ଅଭିମୁଖେ ଗସ୍ତ କରିବା ପୂର୍ବରୁ ଅନ୍ତର୍ଜାତୀୟ ସିକିଲ ସେଲ୍ ଆନିମିଆ ବା ରକ୍ତହୀନତା ଦିବସ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମର ଯୋଗଦେବେ। ଜୁନ୍ ୨୦ ତାରିଖରେ ରାଷ୍ଟ୍ରପତି ପୁଣି ମଧ୍ୟପ୍ରଦେଶ ଫେରିବା ସହ ସନ୍ଧ୍ୟାରେ ଜବଲପୁରରେ ପହଁଞ୍ଚିବେ। ଜୁନ୍ ୨୧ ତାରିଖରେ ରାଷ୍ଟ୍ରପତି ମୁର୍ମୁ ଜବଲପୁରରେ ଅନ୍ତର୍ଜାତୀୟ ଯୋଗଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଏବଂ ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେବେ। ପରେ ରାଷ୍ଟ୍ରପତି କୁନୋ ଜାତୀୟ ଉଦ୍ୟାନ ପରିଦର୍ଶନ କରିବେ ଏବଂ ଜୁନ୍ ୨୨ ତାରିଖରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତିଙ୍କ

ଗସ୍ତକୁ ଦୃଷ୍ଟିରେ ରଖି ବେତୁଲ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଗୁଜୁରାଟ ଆକ୍ସିଡେଣ୍ଟ ଡେଥ୍

ଗୁଜୁରାଟର ଭଦୋଦରାଠାରେ ଏକ ଟ୍ରକ୍ ଏବଂ ବେସରକାରୀ ବସ୍ ମଧ୍ୟରେ ହୋଇଥିବା ଦୁର୍ଘଟଣାରେ ଜଣେ ୯ ବର୍ଷର ଶିଶୁ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨୭ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ଭଦୋଦରାର ଏସ୍‌ଏସ୍‌ଜି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାଂଶୱାଡ଼ାରୁ ସୁରଟ ଯାଉଥିବା ଏକ ବସ୍ କୋଟାମ୍ବି ଷ୍ଟାଡିୟମ୍ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ସହ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ପାଇ ଏସ୍.ଡି.ଆର୍.ଏଫ୍., ଏନ୍.ଡି.ଆର୍.ଏଫ୍, ପୁଲିସ ଏବଂ ଭଦୋଦରା ଅଗ୍ନିଶମ ବିଭାଗର ଦଳ ଘଟଣାସ୍ଥଳରେ ପହଁଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ୨୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ୫ଟି ମୃତଦେହ ଉଦ୍ଧାର କରାଯାଇ ହସ୍ପିଟାଲକୁ ପଠାଯାଇଛି।

## ବଦାୟୁଁ ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ବଦାୟୁଁ ଜିଲ୍ଲାର ଉଝାନୀ ଅଞ୍ଚଳରେ ଆଜି ଅପରାହ୍ନରେ ଏକ ଇ-ରିକ୍ସା ଏବଂ ଟ୍ରାକ୍ଟରର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୬ ଜଣ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ

ଆହତ ହୋଇଛନ୍ତି। ବଦାୟୁଁ ଜିଲ୍ଲାପାଳ ଅବନିଶ ରାୟ ଆକାଶବାଣୀକୁ କହିଛନ୍ତି, ଏକ ପରିବାରର ୯ ଜଣ ମହିଳା ବିବାହ ଉତ୍ସବ ପାଇଁ ସମ୍ପର୍କୀୟମାନଙ୍କୁ ନିମନ୍ତ୍ରଣ କରିବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ପିଏମ୍-ୟୁପି ଗୁଜୁରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ଭଦୋଦରା ଏବଂ ଉତ୍ତରପ୍ରଦେଶର ବଦାୟୁଁରେ ଘଟିଥିବା ପୃଥକ ପୃଥକ ଦୁର୍ଘଟଣାରେ ପ୍ରାଣହାନୀ ପାଇଁ ଗଭୀର ଶୋକପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କୁ ଆଶୁଆରୋଗ୍ୟ କାମନା କରିଛନ୍ତି।

# ଶାହା-ଗୁଜୁରାଟ ଆକ୍ସିଡେଣ୍ଟ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୁଜୁରାଟର ଭଦୋଦରାରେ ଘଟିଥିବା ଦୁର୍ଘଟଣା ପାଇଁ ଗଭୀର ଶୋକପ୍ରକାଶ କରିଛନ୍ତି।  ଦୁର୍ଘଟଣାରେ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆହତମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

# ଓ୍ୱିମେନ୍ସ କ୍ରିକେଟ

ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାରେ ନେଦରଲାଣ୍ଡ୍ସ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଛି। ହେଡିଙ୍ଗଲେର ଲିଡ୍ସଠାରେ ଖେଳାଯାଉଥବବା ଗ୍ରୁପ୍-ଏ'ର ଏହି ମ୍ୟାଚ୍‌ରେ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨ ଦଶମିକ ୧ ଓଭରରେ କୌଣସି ୱିକେଟ୍ ନ ହରାଇ ୨୪ ରନ୍ ସଂଗ୍ରହ କରିଥିଲା।

## ଫିଫା-ୱାର୍ଲଡ କପ୍

ଫିଫା ବିଶ୍ୱକପ୍‌ରେ ଆଜି ଆମେରିକାର ହ୍ୟୁଷ୍ଟନ୍‌ଠାରେ ଗ୍ରୁପ୍- କେ'ର ଏକ ମୁକାବିଲାରେ ପର୍ତ୍ତୁଗାଲ ଓ ଡେମୋକ୍ରାଟ୍ ରିପବ୍ଲିକ କଙ୍ଗୋ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୧୦ଟା ୩୦ ମିନିଟ୍‌ରେ ଆରମ୍ଭ ହେବ। ଆଜି ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରିଆ ୩-୧ ଗୋଲ୍‌ରେ ଜୋର୍ଡାନକୁ ପରାସ୍ତ କରି ୩୬ ବର୍ଷ ମଧ୍ୟରେ ନିଜର ପ୍ରଥମ ବିଶ୍ୱକପ୍ ମ୍ୟାଚ୍ ଜିତିଛି। ଅନ୍ୟପକ୍ଷରେ ଗତଥର ଚାମ୍ପିଅନ ଆର୍ଜେଣ୍ଟିନା ମଧ୍ୟ ଆଲଜେରିଆ ବିପକ୍ଷରେ ୩-୦ ଗୋଲ୍‌ରେ ବିଜୟ ସହ ନିଜର ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ ଲିଓନେଲ ମେସି ଏକ ହ୍ୟାଟ୍ରିକ ଅର୍ଜନ କରି ନିଜର ୧୪, ୧୫ ଏବଂ ୧୬ତମ ବିଶ୍ୱକପ୍ ଗୋଲ୍ ସ୍କୋର କରିବା ସହ ନୂଆ ଇତିହାସ ରଚିଛନ୍ତି। ଅନ୍ୟ ଏକ ମୁକାବିଲାରେ ନରୱେ ଗ୍ରୁପ୍-ଆଇ'ର ପ୍ରଥମ ମ୍ୟାଚରେ ଇରାକକୁ ୪-୧ ଗୋଲ୍‌ରେ ପରାସ୍ତ କରିଛି।